# ଖରାବେଳ

ଖରାଦିନ, ଖରାବେଳ, ମୁଁ ଆଉ ମୋ ପିଲାଦିନ

ଆମ୍ବତୋଟା, ବରଡାଳ, ତେନ୍ତୁଳି ଗଛମୂଳ

ଯେଉଁଠି ଆରମ୍ଭ ହୁଏ ଡାଳ ମାଙ୍କୁଡି ଖେଳ

ଧା ଦଉଡ, ଚୋର-ପୁଲିଶ ପୁଣି ପଇଁକାଠି

ପଛରୁ ଶୁଭେ ବୋଉର ଡାକ

ଶୋଇପଡ ଦଣ୍ଡେ ,

କାହିଁ ଏମିତି ବୁଲୁ ଖରାବେଳେ

ବାପାଙ୍କ ଗାଳିରେ

ଘାଲେଇ ଶୋଇଯାଏ

ନଡିଆ ପତ୍ରରେ ତିଆରି ନରମ ଗାଲିଚାରେ

ଝଙ୍କା ବରଗଛ ତଳେ, ଦିନ ଦ୍ୱିପହରେ

ଦହି-ପଖାଳ ଖାଇବାର ଠିକ ପରେ ପରେ । (୧)

ନଇଁଆସେ ଆଖିପତା

ଆଖି ଲାଗୁ ଲାଗୁ

ବର ଓହଳରୁ ଖସିପଡେ ଜନ୍ଦା କି କାଇ

କାମୁଡିଦିଏ ଚୁଟକିନା ଚଟକରି ଜଙ୍ଘ ପାଖେ

ଅବା ଶୁଭିଯାଏ

ଲାଉ-ତୁମ୍ବୀରୁ ସୁରଟିଏ

କେଁ କେଁ କେନ୍ଦରାରୁ ଛାନ୍ଦଟିଏ

ଜୀବନ ଜଞ୍ଜାଳର ଗୀତ, ଗାଁ ମଝିଦାଣ୍ଡ ପାଖେ;

ନିଦ ଭାଙ୍ଗିଯାଏ

        ଦଉଡିଯାଏ ଶୈଶବ ମନ

        କାନେଇ କାନେଇ ମଝିଦାଣ୍ଡ ଆଡେ

ଖାଲି ଦେଖୁଥାଏ, ଚୁପ ଚାପ ଠିଆହୋଇ

ସାପ ଖେଳ, ମୁଣ୍ଡପୋତା, ବାଉଁଶ ରାଣୀ

ପେଟ ପୋଷିବାର ଅନ୍ୟ ଏକ ନିଶା

ଗରିବୀର ନିଷ୍ଠୁର ପରିଭାଷା

ଝାଳ ହୋଇ ଥପ ଥପ ପଡି ଯାଉଥାଏ

ଅନ୍ୟାଶରେ ମାଟି ସହ ମିଶି ଯାଉଥାଏ

ନିଦାଘର ନିର୍ଦ୍ଧୂମ ଖରାବେଳେ

ମୋ ଗାଁ ରେ, ମୋ ପିଲାଦିନେ । (୨)

ଆସ୍ତେ ଆସ୍ତେ ମଧ୍ୟାହ୍ନ ଢଳେ ଅପରାହ୍ନକୁ

ଯେମିତି ଶୈଶବ ଚାଲିଯାଏ କୈଶୋରକୁ

ଆରମ୍ଭହୁଏ ନାନା ତାଣ୍ଡ – ତାମସା

ଚୋରି କରିବାରେ ଅଦମ୍ୟ ଇଛା

ତରଭୁଜ କିଆରିରେ ପଶି, ଆଖୁବଣରେ ଲୁଚି

ତାଳଗଛ କି ପଇଡକୁ ଚାପି ଛପି ଟେକା ଫିଙ୍ଗି

ଚୋରିହୁଏ ବଣ୍ଟାଚାଲେ ଏକ ଏକ କରି

କିନ୍ତୁ ଭାବିଚାଲେ ଚପଳ କିଶୋର

କାହିଁ ବାହାରକୁ ଏମାନେ ଅତ୍ୟନ୍ତ କଠିନ

ଭିତରେ ତ ଖାଲି ପାଣିପୂର୍ଣ୍ଣ ?

ବୋଧେ ହୋଇପାରେ

ବାହାରଟା ତାହାର ପରିଶ୍ରମ

ଭିତରଟା ନରମ ହୃଦୟ

ସେହି ଫଳମାନଙ୍କ ଭଳି

ଜନ୍ମ ତାହାର ତୃଷା ନିବାରଣ ପାଇଁ

ନିଜେ ଶୋଷରେ ରହି

ସେଥିପାଇଁ ପରା ସେ ସମସ୍ତଙ୍କ ଭାଇ

ମୋର, ତୁମର- ଆମ ସଭିଙ୍କର ଚାଷୀ ଭାଇ । (୩)

ସରିଯାଏ ଖରାବେଳ

ଗାଈପଲ ଲେଉଟାଣିରେ

କୁମ୍ଭାଟୁଆ, ଡାହୁକ ଡାକରେ

ସେମିତି ସରିଯାଏ କୈଶୋର

ହୋଇଯାଏ ସେ ଯୁବକ

ଚାଲିଯାଏ ବିଦେଶ ସହର

ଚିଠି ଗୋଟିଏ ର ଆମନ୍ତ୍ରଣରେ

ପଛରେ ରହିଯାଏ

ପ୍ରିୟ ଗାଁ, ଅସ୍ତମିତ ସୂର୍ଯ୍ୟ, ସ୍ତିମିତ ଗୋଧୂଳି

ବର୍ଷା, ବସନ୍ତ, ଗ୍ରୀଷ୍ମ ଆଉ ଚଇତାଳି

ସନ୍ଧ୍ୟାବେଳ ସତସଙ୍ଗ, ଭଜନ, ଜଣାଣ

ଦାଶକାଠିଆ ଆଉ ନଦିଆ କୀର୍ତ୍ତନ

ଶୁଭେନି ଶ୍ରୀ ଚୈତନ୍ୟଙ୍କ ବାଣୀ ସଞ୍ଜବେଳେ

ହରେ କୃଷ୍ଣ, ହରେ ରାମ

ରାମ ରାମ , ହରେ ହରେ । (୪)

ହିମାଂଶୁ ଶେଖର ବିଶ୍ୱାଳ

୧୮-୦୪-୨୦୧୨, ଭୁବନେଶ୍ୱର, ଓଡିଶା